## ୨ ବାଇକ୍ ଜବତ, ୨ ଗିରଫ

**ବଇଣ୍ଡା,(ପରିକ୍ଷିତ ସାହୁ):** ମଦ୍ୟପାନ କରି ଗାଡି ଚଳାଇବା ଅଭିଯୋଗରେ ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପୋଲିସ ଶୁକ୍ରବାର ବନ୍ତୁଲ ଗ୍ରାମର ବଳରାମ ବେହେରା, ସୁବ୍ରତ ସାହୁଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୨ଟି ବାଇକ ଜବତ କରାଯାଇଛି। ସେମାନେ ମଦ୍ୟପାନ କରି ଗାଡି ଚଳାଉଥିବାବେଳେ ପୋଲିସ ସେମାନଙ୍କୁ ଗିରଫ କରିଥିଲା। ଏ ନେଇ ନମ୍ବର ୬/୨୩ ଓ ୭/୨୩ ରେ ମାମଲା ରୁଜୁ ହୋଇଛି।

## ଡ୍ରାଇଭର ମହାସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

**କାମାକ୍ଷାନଗର,୬।୧(ଅମ୍‌ଜାଦ୍ ଖାନ୍)**

ଓଡ଼ିଶା ଡ୍ରାଇଭର ମହାସଂଘ ଡାକରାରେ କଙ୍କଡ଼ାହାଡ଼ ବ୍ଲକ ଡ୍ରାଇଭର ମହାସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରିଥିଲେ। ଏହି ବ୍ଲକର କଙ୍କଡ଼ାହାଡ଼ ବାଇପାସ ଛକ, ମହାବିରୋଡ୍ ଥାନାର ଗଡ଼ପଳାଶୁଣୀ ଛକ ଓ ଘାଗରମୁଣ୍ଡା ଭେଜିଆ ଛକ ଆଦି ୩ଟି ସ୍ଥାନରେ ଆନ୍ଦୋଳନ ଚାଲିଥିଲା। କଙ୍କଡ଼ାହାଡ଼ ବ୍ଲକ ଡ୍ରାଇଭର ମହାସଂଘ ସଭାପତି ଚର୍ତୁଭୁଜ ମହାନ୍ତ ଓ ସମ୍ପାଦକ ସୁଧାକର ସାହୁଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଜାରି ରହିଥିଲା। ସମସ୍ତ ଡ୍ରାଇଭର ସହଯୋଗ କରିଥିଲେ। ଏହି ଆନ୍ଦୋଳନ ଯୋଗୁ ସାଧାରଣ ଜନଜୀବନ ଅନେକାଂଶରେ ପ୍ରଭାବିତ ହୋଇଥିଲା। ସେହିପରି କାମାକ୍ଷାନଗର ବିଜାଡିହିଠାରେ ଡ୍ରାଇଭର ମହାସଂଘ କର୍ମକର୍ତ୍ତା ଓ ସଦସ୍ୟମାନେ ଅନଶନରେ ବସିଥିଲେ।

# ପଞ୍ଚାୟତ ବୁଲିଲା ପରିକ୍ରମା ରଥ



**କାମାକ୍ଷାନଗର,୬।୧(ସୁଧୀର ପରିଡା)**

ଆସନ୍ତା ୧୭ ତାରିଖରେ ଲୋକାର୍ପିତ ହେବ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଏଥିଲାଗି ରାଜ୍ୟ ସରକାରଙ୍କ ତରଫରୁ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ପରିକ୍ରମା ରଥ ବୁଲି ଚାଉଳ ଓ ଗୁଆ ସଂଗ୍ରହ କରିବ। ଏହି କ୍ରମରେ କାମାକ୍ଷାନଗର ବ୍ଲକ ବଡ଼ସୁଆଁଳ ଓ ବାଲିଗୋରଡ଼ ପଞ୍ଚାୟତରେ ପରିକ୍ରମା ରଥ ଗଡ଼ିଛି। ଏହି ଅବସରରେ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ପ୍ରତି ଘରୁ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଅରୁଆ ଚାଉଳ, ଗୁଆ, ସଂଗ୍ରହ କରାଯାଇଛି। ପ୍ରତି ଗ୍ରାମରେ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ରଥକୁ ଗ୍ରାମ ପରିକ୍ରମା କରାଯାଇ ଶହଶହ ଗ୍ରାମବାସୀଙ୍କ ଉପସ୍ଥିତିରେ ସ୍ୱାଗତ କରାଯାଇଛି। ଏହି ରଥ ପରିକ୍ରମା କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଡିଓ ଅବିନାଶ ପାଣ୍ଡିଆ, ବ୍ଲକ ଅଧକ୍ଷ ପ୍ରେମାନନ୍ଦ ସାହୁ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ଶତାଧିକ ଜଗନ୍ନାଥ ପ୍ରେମୀ ମହିଳାପୁରୁଷ ଉପସ୍ଥିତ ଥିଲେ।

## ଥାନା ଭିତରେ ୨ ମହିଳା କନଷ୍ଟେବଲ୍‌ଙ୍କୁ ଆକ୍ରମଣ

### ୪ କିନ୍ନର ଗିରଫ

**ଢେଙ୍କାନାଳ,୬।୧(ରତନ ନାୟାର)**

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ମଧ୍ୟରେ ଶନିବାର ୨ ମହିଳା କନଷ୍ଟେବଲ୍‌ଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ୪ କିନ୍ନରଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ କିନ୍ନରମାନେ ହେଲେ ମୋଟଙ୍ଗା ଥାନା ବଳରାମପ୍ରସାଦ ଗ୍ରାମର ବର୍ଷା ମହାପାତ୍ର(୨୪), କଟକ ଜିଲା ଆଠଗଡ ଥାନା ଅଞ୍ଚଳର ଇଲି ବେହେରା(୨୦), ଅନୁଗୋଳ ଜିଲା ସୁସୁଡା ଗ୍ରାମର ସୁଶ୍ରୀ ସାହୁ ଓ କଳାହାଣ୍ଡି ଜିଲା ଟାଉନ ଥାନା ଅଞ୍ଚଳର ମନିଷା ଦାସ। ପୋଲିସ କହିଛି, ଏହି କିନ୍ନରମାନେ ୫୫ନଂ ଜାତୀୟ ରାଜପଥରେ ସ୍ଥାନୀୟ ଅଞ୍ଚଳର ଯୁବକମାନଙ୍କୁ ଗତ ୫ ତାରିଖ ରାତିରେ ଆକର୍ଷଣ କରି ଟଙ୍କା ଲୁଟୁଥିଲେ। ଖବରପାଇ ମୋଟଙ୍ଗା ପୋଲିସ ପେଟ୍ରୋଲିଂ ଦଳ ପହଞ୍ଚି କିନ୍ନରମାନଙ୍କୁ ବାରଣ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ କିନ୍ନରମାନେ ପୋଲିସ କର୍ମଚାରୀଙ୍କ ସହ ଯୁକ୍ତିତର୍କ କରିଥିଲେ। ଫଳରେ ପୋଲିସ ସେମାନଙ୍କୁ ଥାନାକୁ ଆଣିଥିଲେ। ଥାନାରେ ୪ ଅଭିଯୁକ୍ତ କିନ୍ନର ମହିଳା କନଷ୍ଟେବଲ ରଜନୀ ସେଠୀ ଓ ବୈଜୟନ୍ତୀ ବାନରାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ୨ ମହିଳା କନଷ୍ଟେବଲଙ୍କୁ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ୪ ଅଭିଯୁକ୍ତ କିନ୍ନରଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି।

## ଦ୍ୱିତୀୟ ଦିବସରେ ୧୧ ଭଲିବଲ୍ ଦଳ

**ଢେଙ୍କାନାଳ,୬।୧(ରତନ ନାୟାର)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଢେଙ୍କାନାଳ ଜିଲା ପ୍ରଶାସନ ମିଳିତ ସହଯୋଗରେ ଢେଙ୍କାନାଳ ଷ୍ଟାଡିୟମ୍ ପରିସରରେ ଜିଲାସ୍ତରୀୟ ନୂଆ-ଓ କ୍ରୀଡ଼ା ପ୍ରତିଯୋଗିତାର ଶନିବାର ଦ୍ୱିତୀୟ ଦିବସରେ ୯ଗୋଟି ପୁରୁଷ ଭଲିବଲ୍ ଦଳ ଏବଂ ୨ଗୋଟି ମହିଳା ଭଲିବଲ୍ ଦଳ ଅଂଶଗ୍ରହଣ କରିଥିଲେ। ପୁରୁଷ ବିଭାଗରେ ହିନ୍ଦୋଳ ବ୍ଲକର ନୂଆଗାଁ ପଞ୍ଚାୟତ ଦଳ ଚାମ୍ପିୟନ୍ ହୋଇଥିବାବେଳେ ଓଡ଼ାପଡ଼ା ବ୍ଲକ୍‌ର କାଶିଆଡିହି ପଞ୍ଚାୟତ ଦଳ ଦ୍ୱିତୀୟ (ରନର୍ସ-ଅପ୍), କାମାକ୍ଷାନଗର ଆଥଲେଟିକ୍ସ ଆସୋସିଏଶନ୍ ପ୍ରଥମ ରନର୍ସଅପ୍ ଓ ପରଜଙ୍ଗ ବ୍ଲକର ଜେଏସ୍ ଭଲିବଲ୍ ଦଳ ଦ୍ୱିତୀୟ ରନର୍ସଅପ୍ ହୋଇଥିଲେ। ସେହିଭଳି ମହିଳା ବିଭାଗରେ ହିନ୍ଦୋଳ ବ୍ଲକର ପାଇକ ପୁରୁଣାକୋଟ ଭଲିବଲ୍ ଦଳ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଭୁବନ ବ୍ଲକ୍‌ର ୱାରିୟର୍ସ ଦଳ ରନର୍ସ-ଅପ୍ ହୋଇଥିଲେ।




ନୂଆ-ଓ କ୍ରୀଡ଼ା ପ୍ରତିଯୋଗିତାର ଦ୍ୱିତୀୟ ଦିବସ ଅବସରରେ ଅତିଥିଙ୍କ ସହ ଖେଳାଳିମାନେ।



ଢେଙ୍କାନାଳର ପ୍ରସିଦ୍ଧ ମଗଜି ଜିଆଇ ଟ୍ୟାଗ୍ ପାଇବା ପରେ ଶନିବାର ସିଭିଲକୋର୍ଟ ପରିସରରେ ଆଇନଜୀବୀମାନେ ମଗଜି ଖାଇବାର ମଜା ନେଉଛନ୍ତି।

## ଆକାଶବାଣୀ ଯୋରନ୍ଦାର ଘୋଷକ ପାର୍ଥ ପ୍ରତିମଙ୍କ ପରଲୋକ



ପାର୍ଥ ପ୍ରତିମ ନନ୍ଦ(ଫାଇଲ ଫଟୋ)।

**ଢେଙ୍କାନାଳ,୬।୧(ରତନ ନାୟାର)**

ଢେଙ୍କାନାଳ ଜିଲା ଯୋରନ୍ଦାସ୍ଥିତ ଆକାଶବାଣୀର ବରିଷ୍ଠ ଘୋଷକ ପାର୍ଥ ପ୍ରତିମ ନନ୍ଦ (୫୯)ଙ୍କ ଶନିବାର ସକାଳୁ କଟକସ୍ଥିତ ବାସଭବନରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ନନ୍ଦ ଆକାଶବାଣୀ କେନ୍ଦୁଝରରେ ତାଙ୍କର ଚାକିରି ଜୀବନ ଆରମ୍ଭ କରିଥିଲେ ଓ ୨୦୦୦ ମସିହାରେ ଆକାଶବାଣୀ ଯୋରନ୍ଦାରେ ଯୋଗଦେଇଥିଲେ। ସେ ଜଣେ ଅମାୟିକ, ବନ୍ଧୁବତ୍ସଳ ବ୍ୟକ୍ତି ଭାବରେ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲେ। ବିଶିଷ୍ଟ ନାଟ୍ୟକାର ତଥା ଆକାଶବାଣୀର ପୂର୍ବତନ ଘୋଷକ ସ୍ୱର୍ଗତ କୁଞ୍ଜବିହାରୀ ନନ୍ଦଙ୍କ ଜ୍ୟେଷ୍ଠ ପୁତ୍ର ହେଉଛନ୍ତି ପାର୍ଥ ପ୍ରତିମ। ସୁଲେଖିକା ସୁକାମିନୀ ନନ୍ଦ ଓ ହାସ୍ୟବିଦୂଷୀ ପଙ୍କଜିନୀ ଦାଶ ପାର୍ଥ ପ୍ରତିମଙ୍କ ପୀୟଷୀ ନାନୀ। ପାର୍ଥ ପ୍ରତିମ ଜଣେ ଉଚ୍ଚକୋଟୀର ଟ୍ରାଙ୍ଗୋ ବାଦକ ଏବଂ ଢେଙ୍କାନାଳର ଅଗ୍ରଣୀ ସଙ୍ଗୀତ ଅନୁଷ୍ଠାନ ମ୍ୟୁଜିକାର ପ୍ରତିଷ୍ଠାତା ସଦସ୍ୟ। ତାଙ୍କ ବିୟୋଗରେ ଆକାଶବାଣୀ ଯୋରନ୍ଦା କେନ୍ଦ୍ରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତାଙ୍କ ମୃତ୍ୟୁ ଖବର ପାଇବା ପରେ ଆକାଶବାଣୀ ଯୋରନ୍ଦାଠାରେ ଏକ ନୀରବ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ମୃତ ଶରୀରକୁ ତାଙ୍କ ଜନ୍ମମାଟି ଢେଙ୍କାନାଳ ଅଣାଯାଇ ସ୍ଥାନୀୟ କୁଞ୍ଜକାନ୍ତ ଶ୍ମଶାନଠାରେ ସଂସ୍କାର କରାଯାଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ, ଏକମାତ୍ର ପୁତ୍ର ଓ ପରିବାରବର୍ଗ ଉପସ୍ଥିତ ଥିଲେ।

## ଟ୍ରକ୍ ଚୋରି ଅଭିଯୋଗରେ ୩ ଅଭିଯୁକ୍ତ ଗିରଫ

**ପରଜଙ୍ଗ,୬।୧(ନିଗମାନନ୍ଦ ଦଳବେହେରା)**

ପରଜଙ୍ଗ ଥାନା ସରାଙ୍ଗ ଫାଣ୍ଡି ସରାଙ୍ଗ ଗ୍ରାମ ୫୩ ନଂ. ଜାତୀୟ ରାଜପଥରୁ ଗତ ସେପ୍ଟେମ୍ବର ୧୧ ତାରିଖରେ ଏକ ଆଇରନ ବୋଝେଇ ଟ୍ରକ୍ ଚୋରି ଘଟଣାରେ ଶନିବାର ପରଜଙ୍ଗ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ଜିଲା ମାଲଗୋଦାମ ଥାନା ଯୋବ୍ରା ଅଞ୍ଚଳର କବାଡି ବାଲା ଏସ.କେ ସର୍ଫରାଜ ଏମ୍‌ଡି, ନରେନ୍ଦ୍ର ସ୍ୱାଇଁ ଓ ସୋହନ ରାମ। ଏହି ଘଟଣାରେ ପୂର୍ବରୁ ୪ ଜଣ ଗିରଫ ହୋଇଥିବାବେଳେ ଅନ୍ୟ ୪ ଅଭିଯୁକ୍ତ ଏବେବି ଫେରାର ଥିବା ପୋଲିସ କହିଛି। ଏ ନେଇ ପରଜଙ୍ଗ ଥାନାରେ କେସ ନଂ. ୩୮୬/୨୦୨୩ରେ ମାମଲା ରୁଜୁ ହୋଇଥିଲା।



# ସଡ଼କ ସୁରକ୍ଷା ଉପଲକ୍ଷେ ପଦଯାତ୍ରା



ସଡ଼କ ସୁରକ୍ଷା ଉପଲକ୍ଷେ ପଦଯାତ୍ରା ଅବସରରେ ଜିଲା ପ୍ରଶାସନର ଅଧିକାରୀ ଓ ଅନ୍ୟମାନେ।

**ଢେଙ୍କାନାଳ ,୬।୧(ରତନ ନାୟାର)**

ଢେଙ୍କାନାଳ ଜିଲାରେ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଜିଲାର ବିଦ୍ୟାଳୟଗୁଡ଼ିକର ଛାତ୍ରୀଛାତ୍ରଙ୍କ ଦ୍ୱାରା ସହରସ୍ଥିତ ବାଜିଚୌକ ଠାରୁ ମିନି ଷ୍ଟାଡିୟମ ପର୍ଯ୍ୟନ୍ତ ଶନିବାର ସକାଳ ୯ଟାରେ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲାପାଳ ମନୋରଞ୍ଜନ ମଲ୍ଲିକ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ ମିଶ୍ର, ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଏହି ଶୋଭାଯାତ୍ରାରେ ଭାଗ ନେଇଥିଲେ।

## ସାପ କାମୁଡ଼ାରେ ଯୁବକ ମୃତ

**କାମାକ୍ଷାନଗର,୬।୧(ଅମ୍‌ଜାଦ୍ ଖାନ୍)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ସମାଟାଙ୍ଗୀ ଗାଁରେ ସାପ କାମୁଡ଼ାରେ ମିହିର କୁମାର ଦତ୍ତଙ୍କ ମୃତ୍ୟୁ ହୋଇଛି। ସେ ସକାଳେ ଶୌଚ ପାଇଁ ଯାଇଥିବାବେଳେ ତାଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ କାମାକ୍ଷାନଗର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଗୋରୁ ବୋଝେଇ ଗାଡ଼ି ଜବତ

**ଭୁବନ,୬।୧(ବିପିନ ବିହାରୀ ସେଠୀ)**

ଭୁବନ ଥାନା ନିକଟସ୍ଥ ୫୩ ନଂ.ଜାତୀୟ ରାଜପଥରେ ଶନିବାର ଏକ ବେଆଇନ ଗୋରୁ ବୋଝେଇ ଟାଟାଏସିକୁ ଅଞ୍ଚଳବାସୀ ଅଟକ ରଖି ପୋଲିସ ଜିମା ଦେଇଛନ୍ତି। ପ୍ରକାଶ ଯେ, ନୀଳକଣ୍ଠପୁର ଗ୍ରାମର ଜଣେ ବେପାରୀ ଏକ ଗାଡିରେ ୬ ଗୋରୁ ନେଇ ଯାଜପୁରରେ ବିକ୍ରି କରିବା ପାଇଁ ଯାଉଥିଲେ। ଏହା ଦେଖି ଆନ୍ଦୋଳନରତ ଡ୍ରାଇଭର ଓ ଅଞ୍ଚଳବାସୀ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ଗାଡି ଜବତ ସହିତ ବେପାରୀ ଓ ଚାଳକଙ୍କୁ ଅଟକ ରଖିଥିଲା।

# ସମସ୍ତ ୱାର୍ଡରେ ବୁଲିବ ପରିକ୍ରମା ରଥ




**ଭୁବନ,୬।୧(ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଓ ଏନ୍‌ଏସି ପକ୍ଷରୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରକଳ୍ପର ଶୁଭ ଉଦ୍‌ଘାଟନ ପାଇଁ ରଥ ପରିକ୍ରମା ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଶନିବାର ସ୍ଥାନୀୟ ବ୍ଲକ ଓ ଏନ୍‌ଏସି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୧୭ ତାରିଖରେ ଶ୍ରୀମନ୍ଦିର ପ୍ରକଳ୍ପର ଶୁଭ ଉଦ୍‌ଘାଟନ ନିମନ୍ତେ ପ୍ରତ୍ୟେକ ଘରୁ ଗୁଆ ଓ ଅରୁଆ ଚାଉଳ ସଂଗୃହୀତ ହେବ। ଏଥିସହିତ ସମସ୍ତ ଲୋକମାନଙ୍କୁ ସଚେତନତା କରି ରଥ ପରିଭ୍ରମଣ କରିବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ରବିବାରଠାରୁ ବ୍ଲକରେ ରଥ ଶୁଭାରମ୍ଭ ହେବ। ସୋମବାର ଏନ୍‌ଏସିର ସମସ୍ତ ୱାର୍ଡରେ ଏହି ରଥ ପରିକ୍ରମା କରିବ। ସେହିପରି ୧୭ ତାରିଖରେ ଶ୍ରୀମନ୍ଦିରରେ ହେବାକୁ ଥିବା କାର୍ଯ୍ୟକ୍ରମକୁ ଗ୍ରାମାଞ୍ଚଳରେ ଏଲଇଡି ଟିଭି ମାଧ୍ୟମରେ ପହଞ୍ଚାଇବାକୁ ସ୍ଥିର କରାଯାଇଥିଲା। ଏନ୍‌ଏସି ବୈଠକରେ ମୁଖ୍ୟଅତିଥି ଭାବେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ଯୋଗ ଦେଇଥିଲେ। ନିର୍ବାହୀ ଅଧିକାରୀ ଅପୂର୍ବ ରଞ୍ଜନ ଆଏଚ ଅଧକ୍ଷତା କରିଥିଲେ। ସମସ୍ତ କର୍ମଚାରୀ ଓ କାଉନସିଲର, ଅଞ୍ଚଳର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସେହିପରି ବ୍ଲକ ସଭାଗୃହରେ ଆୟୋଜିତ ବୈଠକରେ ବିଡିଓ କଲ୍ୟାଣ ସୌରଭ ଦାସ ଅଧକ୍ଷତା କରିଥିଲେ। ବ୍ଲକର ସମସ୍ତ ଲୋକପ୍ରତିନିଧି ଓ କର୍ମଚାରୀ ଉପସ୍ଥିତ ଥିଲେ।


ସତ୍ୟମେବ ଜୟତେ

ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ
ଭାରତ ସରକାର

**ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ**

**ବର୍ଷ ୨୦୨୩-୨୪ ପାଇଁ ଅନୁସୂଚିତ ଜାତିର ଛାତ୍ରଛାତ୍ରୀଙ୍କ ନିମନ୍ତେ ମାଟ୍ରିକୋତ୍ତର ଛାତ୍ରବୃତ୍ତି ଯୋଜନା**

ଅଧୀନରେ ଉଚ୍ଚ ଶିକ୍ଷାରେ ଅଧ୍ୟୟନ କରିବା ସକାଶେ

**ଅନୁସୂଚିତ ଜାତିର ୬୯ ଲକ୍ଷ ଛାତ୍ରଛାତ୍ରୀଙ୍କ ଲାଗି ଛାତ୍ରବୃତ୍ତି**

ସମ୍ପର୍କରେ ଘୋଷଣା କରୁଛନ୍ତି

**ଯୋଗ୍ୟତା**
- ପିତାମାତା/ଅଭିଭାବକଙ୍କ ବାର୍ଷିକ ଆୟ ୨.୫୦ ଲକ୍ଷ ଟଙ୍କାରୁ ଅଧିକ ହୋଇ ନ ଥିବ
- ସ୍ୱୀକୃତିପ୍ରାପ୍ତ ମହାବିଦ୍ୟାଳୟ/ବିଦ୍ୟାଳୟ ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରଛାତ୍ରୀ

**ପରିସର**
- ଏକାଦଶ ଶ୍ରେଣୀ ପରବର୍ତ୍ତୀ ସମସ୍ତ ସ୍ୱୀକୃତିପ୍ରାପ୍ତ ପାଠ୍ୟକ୍ରମ
- ଦରଖାସ୍ତଗୁଡ଼ିକୁ ରାଜ୍ୟ ସରକାର/କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କ ଦ୍ୱାରା ଗ୍ରହଣ ତଥା ଯାଞ୍ଚ କରାଯାଇଥାଏ
- ସବୁଠାରୁ ଗରିବ ପରିବାରଙ୍କୁ ପ୍ରାଥମିକତା

**ହକ୍‌ଦାରିତା**
- ବାଧ୍ୟତାମୂଳକ ଅଣ-ଫେରସ୍ତଯୋଗ୍ୟ ଦେୟ (ଟ୍ୟୁଶନ ଫି' ସମେତ)
- ଶିକ୍ଷାଗତ ଭତ୍ତାର ପରିମାଣ ବାର୍ଷିକ ₹୨୫୦୦ ରୁ ଟ.୧୩୫୦୦ ପର୍ଯ୍ୟନ୍ତ
- ଦିବ୍ୟାଙ୍ଗ (ଭିନ୍ନକ୍ଷମ) ଛାତ୍ରଛାତ୍ରୀଙ୍କ ପାଇଁ ୧୦% ଅତିରିକ୍ତ ଭତ୍ତା

- ଛାତ୍ରଛାତ୍ରୀମାନେ ସେମାନଙ୍କ ରାଜ୍ୟର ସ୍କଲାରଶିପ୍ ପୋର୍ଟାଲରେ ଆବେଦନ କରିବେ
- ଛାତ୍ରଛାତ୍ରୀମାନଙ୍କ ନିକଟରେ ଏକ ବୈଧ ମୋବାଇଲ ନମ୍ବର, ଆଧାର ନମ୍ବର (ୟୁଆଇଡି), ଆଧାର ସଂଯୁକ୍ତ ବ୍ୟାଙ୍କ ଖାତା, ଆୟ ପ୍ରମାଣପତ୍ର ଏବଂ ଜାତିଗତ ପ୍ରମାଣପତ୍ର ରହିଥିବା ଆବଶ୍ୟକ ।

- ଯୋଜନାର ମାର୍ଗଦର୍ଶିକା ଏବଂ ସବିଶେଷ ଯୋଗ୍ୟତା ମାନଦଣ୍ଡ ନିମ୍ନଲିଖିତ ୱେବ୍‌ସାଇଟ୍‌ରେ ଉପଲବ୍ଧ

**http://socialjustice.gov.in/schemes/25**

cbc 38101/11/0057/2324

**ମନ୍ଦିର ଦାନ ହୁଣ୍ଡିରୁ ଚୋରି**

ଛେଣ୍ଡିପଦା,(ଅଜିତ ଧଳ): ଜରପଡା ଥାନା ଜେରେଙ୍ଗ ଦେହୁରୀସାହି ରାଧାକୃଷ୍ଣ ମନ୍ଦିର ହୁଣ୍ଡିରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ସକାଳେ ଗ୍ରାମବାସୀ ହୁଣ୍ଡି ଭଙ୍ଗା ହୋଇଥିବା ଦେଖିବାକୁ ପାଇଥିଲେ। ପରେ ମନ୍ଦିର କମିଟି ସଦସ୍ୟମାନେ ପହଞ୍ଚି ଘଟଣା ସମ୍ପର୍କରେ ଅନୁଧାନ କରିଥିଲେ। ହୁଣ୍ଡିରେ ପ୍ରାୟ ୧୦ ହଜାର ଟଙ୍କା ଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

# ଦାଦାବଟି ମାଗିବାରୁ ଗଡ଼ିଥିଲା ମୁଣ୍ଡ

■ବିଷ୍ଣୁ ପ୍ରସାଦ ହତ୍ୟା ମାମଲାର ପର୍ଦ୍ଦାଫାଶ କଲା ପୋଲିସ

■ଜଣେ ଅଭିଯୁକ୍ତ କରିସାରିଛନ୍ତି ଆତ୍ମହତ୍ୟା, ଅନ୍ୟଜଣେ ଗିରଫ

ଢେଙ୍କାନାଳ,୬।୧(ରତନ ନାୟାର)

ବାରମ୍ବାର ଦାଦାବଟି ମାଗିବାରୁ ଅନୁଗୋଳ ଜିଲା କଳିୟାରୀ ଥାନା ଦେଉଳବେଡ଼ା ଅଞ୍ଚଳର ବଡି ବିଲ୍ଡର ବିଷ୍ଣୁପ୍ରସାଦ(୩୫)ଙ୍କୁ କରାଯାଇଥିଲା ହତ୍ୟା। ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା କୁରୁଣ୍ଟି ଗ୍ରାମ ବ୍ରାହ୍ମଣୀ ନଦୀ କୂଳରେ ଗତ ଅକ୍ଟୋବର ୧୩ରେ ଘଟିଥିବା ଏହି ହତ୍ୟା ମାମଲାର ଶନିବାର ସନ୍ଧ୍ୟାରେ ପର୍ଦ୍ଦାଫାଶ କରିଛି ପୋଲିସ। ତେବେ ଧରାପଡ଼ିଯିବା ଭୟରେ ମୁଖ୍ୟ ଅଭିଯୁକ୍ତ ଦାଶିଆ ଓରଫ୍ ଶ୍ରୀକାନ୍ତ ବେହେରା (୩୮) ଗତ ଅକ୍ଟୋବର ୨୧ରେ ରଶି ଲଗାଇ ଆତ୍ମହତ୍ୟା କରିସାରିଥିବା ବେଳେ ଅନ୍ୟତମ ଅଭିଯୁକ୍ତ ତାଙ୍କ ଶାଳକ ପିଙ୍କୁ ତରାଇ (୨୮)ଙ୍କୁ ଗିରଫ କରାଯାଇଥିବା ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି।

ଏସ୍‌ପି କହିଛନ୍ତି, ବିଷ୍ଣୁପ୍ରସାଦ ଅନେକ ସମୟରେ ତାଳଚେର ଥାନା ଅଞ୍ଚଳର ବିଭିନ୍ନ ଲୋକଙ୍କ ଠାରୁ ଦାଦାବଟି ଆଦାୟ କରୁଥିଲେ। ତାଳଚେର ଭରତପୁର କୋଲମାଇନ୍ସରେ କାମ କରୁଥିବା ତାଳଚେର ଥାନା ବାଲୁଗାଁ ଅଞ୍ଚଳର ଦାଶିଆଙ୍କୁ ମଧ୍ୟ ସେ ଦାଦାବଟି ମାଗୁଥିଲେ। ବାରମ୍ବାର ଦାଦାବଟି ମାଗିବାରୁ ଏଥିରେ ଦାଶିଆ ଅତିଷ୍ଠ ହୋଇପଡିଥିଲେ। ଏ ସଂକ୍ରାନ୍ତରେ ସେ ତାଙ୍କର ଶାଳକ ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା କୁସୁପଙ୍ଗା ଗ୍ରାମର ପିଙ୍କୁଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଦୁହେଁ ମିଶି ବିଷ୍ଣୁପ୍ରସାଦଙ୍କୁ ହତ୍ୟା ପାଇଁ ଯୋଜନା କରିଥିଲେ। ଟଙ୍କା ଦେବାକୁ କହି ବିଷ୍ଣୁପ୍ରସାଦଙ୍କୁ ଗତ ୧୩ ଅକ୍ଟୋବରରେ କୁରୁଣ୍ଟି ଗ୍ରାମ ବ୍ରାହ୍ମଣୀ ନଦୀ କୂଳକୁ ଡକାଇଥିଲେ। ବିଷ୍ଣୁପ୍ରସାଦ ଏକ ବାଇକ୍‌ରେ ପହଞ୍ଚିବା ପରେ ସେଠାରେ ୩ଜଣ ଯାକ ମଦ୍ୟପାନ କରିଥିଲେ। ବିଷ୍ଣୁପ୍ରସାଦ ନିଶାସକ୍ତ ହେବାପରେ ଦାଶିଆ ଏକ ଭୁଜାଲିରେ ବିଷ୍ଣୁପ୍ରସାଦଙ୍କୁ ହତ୍ୟା କରି ତାଙ୍କ ମୃତଦେହକୁ ବ୍ରାହ୍ମଣୀ ନଦୀରେ ଫିଙ୍ଗି ଦେଇଥିଲେ। ଏହାପରେ ୨ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଗତ ୧୯ ଅକ୍ଟୋବରରେ ବିଷ୍ଣୁ ପ୍ରସାଦଙ୍କ ମୃତଦେହ ନିକଟସ୍ଥ ଏକଘରିଆ ଗ୍ରାମ ବ୍ରାହ୍ମଣୀ ନଦୀ କୂଳରୁ ମିଳିଥିଲା। ଏ ସଂକ୍ରାନ୍ତରେ ବାଙ୍ଗୁରସିଂହ ସମିତି ସଭ୍ୟ ପ୍ରଦୀପ କୁମାର ବେହେରା ମୋଟଙ୍ଗା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୩୦।୩।୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଘଟଣାର ରହସ୍ୟ ଧୀରେ ଧୀରେ ଖୋଲିବାରୁ ଭୟଭୀତ ହୋଇ ଅଭିଯୁକ୍ତ ଦାଶିଆ ତାଳଚେରସ୍ଥିତ ଗୋପାଳ ପ୍ରସାଦ ଥାନା ଲକେଇପଶି ଗ୍ରାମରେ ରହୁଥିବା ନିଜ ଭଉଣୀଙ୍କ ଘରକୁ ଯାଇ ସମସ୍ତ ବିଷୟ କହିବା ପରେ ୨୧ ଅକ୍ଟୋବର ସକାଳେ ଏକ ଗଛରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଥିଲେ। ଏହାପରେ ପୋଲିସ ତଦନ୍ତ କରି କଣ୍ଟାବଣିଆ ଥାନା ଅଞ୍ଚଳରେ ଥିବା ଏକ କମ୍ପାନୀରେ ଠିକା ଶ୍ରମିକ ଭାବେ କାର୍ଯ୍ୟରତ ଅନ୍ୟତମ ଅଭିଯୁକ୍ତ ପିଙ୍କୁଙ୍କୁ ଗତ ୫ ତାରିଖ ସକାଳ ସାଢେ ୯ଟାରେ ଗିରଫ କରିଥିଲା। ବ୍ୟବହୃତ ଭୁଜାଲିକୁ ମଧ୍ୟ ଜବତ କରିଥିଲା। ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର, ମୋଟଙ୍ଗା ଥାନା ଅଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ହତ୍ୟା ମାମଲା ସମ୍ପର୍କରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ଓ ଅନ୍ୟ ଅଧିକାରୀମାନେ ସୂଚନା ଦେଉଛନ୍ତି।

# ଢେଙ୍କାନାଳରେ ୯,୫୯,୫୧୪ ମତଦାତା

ଢେଙ୍କାନାଳ,୬।୧(ରତନ ନାୟାର)

ଢେଙ୍କାନାଳ ଜିଲାରେ ମତଦାତାଙ୍କ ସଂଖ୍ୟା ୯ଲକ୍ଷ ୫୯ହଜାର ୫୧୪ରେ ପହଞ୍ଚିଛି। ସେଥିରୁ ମହିଳା ମତଦାତାଙ୍କ ସଂଖ୍ୟା ୪ଲକ୍ଷ ୬୩ହଜାର ୭୦୬ ହୋଇଥିବା ବେଳେ ପୁରୁଷ ମତଦାତାଙ୍କ ସଂଖ୍ୟା ୪ଲକ୍ଷ ୯୫ହଜାର ୬୫୬ ରହିଛି। ଜିଲାରେ ପ୍ରତି ୧୦୦୦ ଜଣ ପୁରୁଷଙ୍କ ମଧ୍ୟରେ ମହିଳାଙ୍କ ସଂଖ୍ୟା ୯୩୬ ରହିଛି। ୧୮ ରୁ ୧୯ ବର୍ଷର ମତଦାତାଙ୍କ ସଂଖ୍ୟା ୧୮୦୨୧ ରହିଥିବା ବେଳେ ୮୦ ବର୍ଷ ଏବଂ ତାଠାରୁ ଅଧିକ ବୟସ୍କ ମତଦାତାଙ୍କ ସଂଖ୍ୟା ୨୩୮୪୨ ରହିଛି। ଏଥିସହିତ ଜିଲାରେ ୭୨ଜଣ କିନ୍ନର ମତଦାତା ରହିଛନ୍ତି। ସମସ୍ତ ୧୦୦ ପ୍ରତିଶତ ମତଦାତାଙ୍କ ଭୋଟର ତାଲିକାରେ ଫଟୋ ରହିଥିବା ଶନିବାର ଜିଲାପାଳ ମନୋରଞ୍ଜନ ମଲ୍ଲିକ ସୂଚନା ଦେଇଛନ୍ତି। ଭୋଟର ତାଲିକାକୁ ସ୍ୱଚ୍ଛ ଏବଂ ତ୍ରୁଟିଶୂନ୍ୟ କରାଯାଇଥିବା ଜିଲାପାଳ କହିଛନ୍ତି। ଭୋଟର ତାଲିକା ପ୍ରକାଶନ କାର୍ଯ୍ୟକ୍ରମରେ ଜିଲାର ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସେହିପରି ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶଚନ୍ଦ୍ର ସେଠୀ, ଢେଙ୍କାନାଳ ଉପଜିଲାପାଳ ସପନ କୁମାର ନନ୍ଦ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ଭୋଟର ତାଲିକା ପ୍ରକାଶନ କରାଯାଉଛି।

# ଆନ୍ଦୋଳନ ଯୋଗୁ ପରିବହନ ବ୍ୟବସ୍ଥା ବାଧାପ୍ରାପ୍ତ


ଢେଙ୍କାନାଳ ଜିଲା ଡ୍ରାଇଭର ମହାସଂଘ ପକ୍ଷରୁ ଆନ୍ଦୋଳନ କରାଯାଉଛି।

ଢେଙ୍କାନାଳ,୬।୧(ରତନ ନାୟାର)

ଓଡ଼ିଶା ଡ୍ରାଇଭର ମହାସଂଘ ନିଷ୍ପତ୍ତି କ୍ରମେ ଢେଙ୍କାନାଳ ଜିଲା ଡ୍ରାଇଭର ମହାସଂଘ ଶନିବାର ଆନ୍ଦୋଳନକୁ ଓହ୍ଲାଇଥିଲା। ଫଳରେ ସମସ୍ତ ପରିବହନ ବ୍ୟବସ୍ଥା ଠପ୍ ହୋଇପଡିଥିଲା। ପେଟ୍ରୋଲ ପମ୍ପ ଗୁଡିକରେ ପେଟ୍ରୋଲ, ଡିଜେଲର ବ୍ୟାପକ ଅଭାବ ଯୋଗୁ ପମ୍ପ ଗୁଡିକ ବନ୍ଦ ରହିଥିଲା। ଢେଙ୍କାନାଳ ଜିଲାର ଡ୍ରାଇଭର ମହାସଂଘ ପକ୍ଷରୁ ଜିଲା କାର୍ଯ୍ୟାଳୟ ପରିସରରେ ଧାରଣା ଦିଆଯିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଢେଙ୍କାନାଳ ଜିଲା ଡ୍ରାଇଭର ମହାସଂଘ ସଭାପତି ନରୋତମ ବେହେରା ଓ ସମ୍ପାଦକ ଗଙ୍ଗାଧର ରାଉତଙ୍କ ସହ ସଂଘର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଭାରୋତ୍ତୋଳନରେ ୪ ପ୍ରତିଯୋଗୀଙ୍କ କୃତିତ୍ୱ

ଢେଙ୍କାନାଳ୬।୧(ରତନ ନାୟାର)

ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତାରେ ଢେଙ୍କାନାଳର ୪ଜଣ ଖେଳାଳି କୃତିତ୍ୱ ଅର୍ଜନ କରିଛନ୍ତି। ଯୁବ ବାଳକ ବିଭାଗର ୭୩ କେଜିରେ ସ୍ୱୟଂଜିତ ପ୍ରସାଦ ସାହୁ ବ୍ରୋଞ୍ଜ ପଦକ, ୮୧ କେଜିରେ ହୃଦାନନ୍ଦ ଦାସ ବ୍ରୋଞ୍ଜ ପଦକ ଏବଂ ୪୦ କେଜି ବାଳିକା ଯୁବ ବିଭାଗରେ ଜ୍ୟୋତ୍ସ୍ନା ଶବର ସ୍ୱର୍ଣ୍ଣ ପଦକ ଓ ପ୍ରୀତିସ୍ମିତା ଭୋଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଢେଙ୍କାନାଳ ଜିଲାର ଏହି ଖେଳାଳିମାନେ କୃତିତ୍ୱ ଅର୍ଜନ କରିଥିବାରୁ କୋଚ୍ ଗୋପାଳ ଦାସ ଶୁଭେଚ୍ଛା ଜଣାଇଛନ୍ତି।



# ଟ୍ରାଫିକ ନିୟମ ମାନିବା ଅଭ୍ୟାସ କର

ଢେଙ୍କାନାଳ,୬।୧(ରତନ ନାୟାର)

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଉପଲକ୍ଷେ ଅନୁଷ୍ଠିତ ଚିତ୍ରାଙ୍କନ ଓ ସ୍ଲୋଗାନ ଲିଖନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ମାଷ୍ଟର ଟ୍ରେନରମାନଙ୍କୁ ନେଇ ଶନିବାର ଅପରାହ୍ନ ସାଢେ ୩ଟାରେ ଏକ କାର୍ଯ୍ୟକ୍ରମରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଲଳିତ ମୋହନ ବେହେରା, ଛାତ୍ରୀଛାତ୍ର ଓ ଜନସାଧାରଣ ସଡ଼କ ସୁରକ୍ଷା ସମ୍ପର୍କରେ ଅଧିକ ଜ୍ଞାନ ଆହରଣ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ଟ୍ରାଫିକ ନିୟମ ମାନିବା ଅଭ୍ୟାସ କରିବା ସହିତ ସର୍ବଦା ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ନିଜେ ସଚେତନ ହେବା ସହିତ ଅଭିଭାବକ ଓ ସମ୍ପର୍କୀୟମାନଙ୍କୁ ଗାଡି ଚାଳନା ସମୟରେ ସତର୍କତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ପ୍ରତି ସଡ଼କ ସୁରକ୍ଷା ସପ୍ତାହ ପାଳନ ମଧ୍ୟରେ ଜିଲାରେ ସଡ଼କ ଦୁର୍ଘଟଣାରେ କେହି ମୃତ୍ୟୁବରଣ କରି ନ ଥିବା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଡ଼କ ସୁରକ୍ଷା କମିଟି ସଦସ୍ୟ ପ୍ରଦ୍ୟୁମ୍ନ ରଥ, ସତ୍ୟସ୍ୱରୂପ ଦାସ, ଅମିୟ କୁମାର ଚାନ୍ଦ ଓ ଐରା ଅନୁଷ୍ଠାନ ସଂଯୋଜକ ପ୍ରଦ୍ୟୁମ୍ନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ମାଷ୍ଟର ଟ୍ରେନରମାନଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ମୋଟରଯାନ ନିରୀକ୍ଷକ ଦେବାଶିଷ ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ।


ସଡକ ସୁରକ୍ଷା ଉପଲକ୍ଷେ ପୁରସ୍କାର ବିତରଣ।

# ଜିଲାସ୍ତର ରାଜସ୍ୱ ଅମଲାଙ୍କୁ ସ୍ୱତନ୍ତ୍ର ପାହ୍ୟା

**କର୍ମଚାରୀଙ୍କ ମଧ୍ୟରେ ଖୁସିର ଲହରି**



ଢେଙ୍କାନାଳ,୬।୧(ରତନ ନାୟାର)

ସାଧାରଣ ପ୍ରଶାସନ ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ଶନିବାର ଏକ ସ୍ୱତନ୍ତ୍ର ବିଜ୍ଞପ୍ତି ପ୍ରକାଶ କରାଯାଇ ଜିଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କୁ ସ୍ୱତନ୍ତ୍ର ପାହ୍ୟା ପ୍ରଦାନ ଏବଂ ଏଣିକି ରାଜସ୍ୱ ଅମଲାମାନେ ସ୍ୱତନ୍ତ୍ର ନିୟମ ଅନୁଯାୟୀ କାର୍ଯ୍ୟ କରିବେ ବୋଲି ଘୋଷଣା କରାଯାଇଛି। ଏହାକୁ ନେଇ ଜିଲାର ରାଜସ୍ୱ ଅମଲାଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି ବୋଲି ଢେଙ୍କାନାଳ ଜିଲା ରାଜସ୍ୱ ଅମଲା ସଂଘ ସଭାପତି ବିଭୂତି ଭୂଷଣ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏଥିସହ ରାଜ୍ୟ ସଂଘ ସମ୍ପାଦକ ନରେଶଚନ୍ଦ୍ର ମହାପାତ୍ର, ଜିଲା ସଂଘ ସଦସ୍ୟା ଦେବଦର୍ଶିନୀ ସ୍ୱାଇଁ, ଅନୁପମା ପାତ୍ର ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଓ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ପଥପ୍ରାନ୍ତ ନାଟକ, ଶୋଭାଯାତ୍ରାରେ ସଚେତନତା


ସଡକ ସୁରକ୍ଷା ଜୀବନ ରକ୍ଷା ସଚେତନତା କାର୍ଯ୍ୟକ୍ରମ ଅବସରରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଛି।

ଢେଙ୍କାନାଳ,୬।୧(ରତନ ନାୟାର)

ଢେଙ୍କାନାଳ ଜିଲା ପ୍ରଶାସନ, ପରିବହନ ବିଭାଗ ଓ ଐରା ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ସହଯୋଗରେ ସଡ଼କ ସୁରକ୍ଷା ଜୀବନ ରକ୍ଷା ସଚେତନତା କାର୍ଯ୍ୟକ୍ରମ ଢେଙ୍କାନାଳ ସହର, ଗଁଦିଆ, ହିନ୍ଦୋଳ, କାମାକ୍ଷାନଗର, ପରଜଙ୍ଗ, ଭୁବନ, ଓଡ଼ାପଡ଼ା ଆଦି ବିଭିନ୍ନ ବ୍ଲକରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସଡ଼କ ସୁରକ୍ଷା ଜୀବନ ରକ୍ଷା ସମ୍ପର୍କିତ ପଥପ୍ରାନ୍ତ ନାଟକ, ଶୋଭାଯାତ୍ରା ଆଦି ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସୋଲାସିୟମ ଫଣ୍ଡ, ଗୁଡ୍ ସମରିଟାନ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ଢେଙ୍କାନାଳ ସହର ଗୋପବନ୍ଧୁ ଟାଉନହଲ ସମ୍ମୁଖରେ ଶୁକ୍ରବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିବହନ ଅଧିକାରୀ ପ୍ରଣୟ ମିଶ୍ର, ଢେଙ୍କାନାଳ ଉପନଗରପାଳ ପ୍ରକାଶଚନ୍ଦ୍ର କୁଅଁର, ଗଣେଶ ବଜାର ପୂଜା କମିଟି ସଭାପତି ବିଶ୍ୱନାଥ ବେହେରା, ସାମାଜିକ କର୍ମୀ ଜ୍ଞାନଚାନ୍ଦ ମିଶ୍ର, ଭୁବନଠାରେ ନିରଞ୍ଜନ ପୃଷ୍ଟି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ପଣ୍ଡା, ସିତାଂଶୁ ପଣ୍ଡା, ସୁଶାନ୍ତ ପଣ୍ଡା, ସରୋଜ ରାଉତ, ବିଭୂତି ଭୂଷଣ ପୃଷ୍ଟି, ଗୀତାଞ୍ଜଳି ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ୟୁକୋ ବ୍ୟାଙ୍କ ୮୨ତମ ପ୍ରତିଷ୍ଠା ଦିବସ

ଢେଙ୍କାନାଳ,୬।୧(ରତନ ନାୟାର)

ଢେଙ୍କାନାଳ ସହର ମିନାବଜାର ଜଗନ୍ନାଥ ରୋଡ୍‌ସ୍ଥିତ ୟୁକୋ ବ୍ୟାଙ୍କ ଶାଖାରେ ୮୨ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଶାଖା ମୁଖ୍ୟ ପରିଚାଳକ ପ୍ରବନ୍ଧକ ସୌଭାଗ୍ୟ ସାହୁ ଓ ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ଦେବାଶିଷ କୁଣ୍ଡୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶାଖାର ସମସ୍ତ କର୍ମଚାରୀ ଗ୍ରାହକମାନଙ୍କୁ ସ୍ୱାଗତ ଜଣାଇ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଏହି ଉପଲକ୍ଷେ ଗ୍ରାହକମାନଙ୍କୁ ସଞ୍ଚୟ ଓ ଋଣ ସ୍କିମ ସମ୍ପର୍କରେ ଅବଗତ କରାଇବା ସହିତ ବ୍ୟାଙ୍କର ବିଭିନ୍ନ ବୀମା ଓ ସରକାରୀ ସ୍କିମ ବିଷୟରେ ଗ୍ରାହକଙ୍କୁ ସୂଚନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ୟାଙ୍କର ସୌମ୍ୟା ପ୍ରିୟଦର୍ଶିନୀ, ଜୟସ୍ମିତା ସାହୁ, ମାଗୁଣି ସ୍ୱାଇଁ, ବିଶ୍ୱରଞ୍ଜନ ଦାଶ, ସ୍ୱୟଂପ୍ରତିଭା ସାହୁ, ଆଲଫାସ ଟେମ୍ପୋ, ଶୁକଦେବ ସାହୁ ଓ ସୁବ୍ରତ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଅମିତ ମହାନ୍ତି ଓ ଅଭିଜିତ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।


ୟୁକୋ ବ୍ୟାଙ୍କର ୮୨ତମ ପ୍ରତିଷ୍ଠା ଦିବସ ପାଳନ କରାଯାଉଛି।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅର୍ପଣ ରଥ ଶୁଭାରମ୍ଭ

ଢେଙ୍କାନାଳ,୬।୧(ରତନ ନାୟାର)

ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଠାରେ ୩ଟି ଅର୍ପଣ ରଥ ପରିକ୍ରମଣର ଶୁଭାରମ୍ଭ କରାଯାଇଛି। ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ସଦର ବିଡିଓ ଆୟୁଷୀ ମହାପାତ୍ର, ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ଶତପଥୀ, ଜିଲା କଳା ସଂସ୍କୃତି ସଂଘ ଉପସଭାପତି ଅବନୀ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଅର୍ପଣ ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ଏହି ରଥ ସଦର ବ୍ଲକର ଗ୍ରାମାଞ୍ଚଳରେ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବୁଲି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ନିମନ୍ତେ ଲୋକଙ୍କଠାରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିବ।


ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅର୍ପଣ ରଥ ଶୁଭାରମ୍ଭ କରାଯାଉଛି।

# ଉତ୍ତମ ଚରିତ୍ର ଗଠନ ପାଇଁ ପରାମର୍ଶ

ଢେଙ୍କାନାଳ,୬।୧(ରତନ ନାୟାର)

ଢେଙ୍କାନାଳ ପୌରାଞ୍ଚଳର ଡକ୍ଟର ଦାଶରଥି ମିଶ୍ର ଉଚ୍ଚ ବିଦ୍ୟାଳୟରେ ୩୦ତମ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଡକ୍ଟର ଭବାନୀ ଶଙ୍କର ମିଶ୍ର, ମୁଖ୍ୟବକ୍ତା ଭାବେ ଜିଲା ସାହିତ୍ୟ ସଂସଦ ଅଧ୍ୟକ୍ଷ ବସନ୍ତ ପଟ୍ଟନାୟକ ଯୋଗଦେଇ ନିଜସ୍ୱ ଅନୁଭୂତି ଓ ସାହିତ୍ୟ ସର୍ଜନା କ୍ଷେତ୍ରରେ କିପରି ଛାତ୍ରୀଛାତ୍ରମାନେ ଆଗ୍ରହୀ ହୋଇପାରିବେ ସେ ନେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ସୁଶାନ୍ତ କୁମାର ମିଶ୍ର ଯୋଗଦେଇ ଡକ୍ଟର ଦାଶରଥି ମିଶ୍ରଙ୍କ ବିଜ୍ଞାନ ପ୍ରତି ଅବଦାନ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ସୂଚନା ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ବିପିନ୍ ବିହାରୀ ଶତପଥୀ ଓ ଶାନ୍ତି ମିଶ୍ର ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ଚରିତ୍ର ଗଠନ ପାଇଁ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜନା ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। କାଉନ୍‌ସିଲର୍ ଦୀପ୍ତିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ରହି କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ସୋନିଆ ବେହେରା, ସୟଦ୍ ଜସିମ୍, ବାଳକ ବିଭାଗରୁ ବଳରାମ ସାହୁ ଓ ବାଳିକା ବିଭାଗରୁ ବର୍ଷା ରାଉତ ଚାମ୍ପିୟନ, ଶ୍ରେଷ୍ଠ ଛାତ୍ର ଭାବେ ବଳରାମ ସାହୁଙ୍କୁ ଉଦୟନାଥ ନନ୍ଦ ମେମୋରିଆଲ୍ ଟ୍ରଷ୍ଟ ତରଫରୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସୁହାସିନୀ ମିଶ୍ର ସଂଯୋଜନା, ସୋମନାଥ ବାବୁ ଓ ଲକ୍ଷ୍ମୀଧର ସାର୍ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ସରଳା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, କର୍ମଚାରୀ ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସହଯୋଗ କରିଥିଲେ। ବିଦ୍ୟାଳୟର ମୁଖପତ୍ର ପ୍ରତିଭାର ୪ର୍ଥ ସଂସ୍କରଣ ମଧ୍ୟ ଉନ୍ମୋଚିତ ହୋଇଥିଲା।


ଦାଶରଥି ମିଶ୍ର ହାଇସ୍କୁଲର ୩୦ତମ ବାର୍ଷିକ ଉତ୍ସବ ପାଳନ କରାଯାଉଛି।

**୮ରେ ବଅଁରପାଳରେ ଜନଶୁଣାଣି**

ଅନୁଗୋଳ,(ଅମିତ ସାମଲ): ଆସନ୍ତା ୮ ତାରିଖ ପୂର୍ବାହ୍ନ ୧୦ଟାରେ ବଅଁରପାଳ ବ୍ଲକ କାର୍ଯ୍ୟାଳୟଠାରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣଙ୍କ ଯଦି କିଛି ସମସ୍ୟା ବା ଅଭିଯୋଗ ଥାଏ ତେବେ ସେଠାରେ ନିଜ ନିଜର ଆପତ୍ତି ଅଭିଯୋଗ ଉପସ୍ଥାପନ କରିବାକୁ ଜିଲା ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ବଇଣ୍ଡାରେ ଜୟ ଜଗନ୍ନାଥ ରଥ ଶୁଭାରମ୍ଭ

ବଇଣ୍ଡା,୬।୧(ପରିକ୍ଷିତ ସାହୁ)

ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଶନିବାର କିଶୋରନଗର ବ୍ଲକ ବଇଣ୍ଡାଠାରେ ଜୟ ଜଗନ୍ନାଥ ରଥ ଶୁଭାରମ୍ଭ ହୋଇଛି। ନୁନୁକାପଶି ପଞ୍ଚାୟତ ପକ୍ଷରୁ କଦଳୀମୁଣ୍ଡାର ତ୍ରିନାଥ ମନ୍ଦିର ପରିସରରେ ପ୍ରଭୁ ଜଗନ୍ନାଥଙ୍କୁ ପୂଜା କରିବା ପରେ ରଥକୁ ଶୁଭାରମ୍ଭ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଶୈରେନ୍ଦ୍ରୀ ପ୍ରଧାନ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଜେଡି ନେତା ତପନ ସାହୁ, ଅରୁଣ କୁମାର ସାହୁ, ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ, ନାଏବ ସରପଞ୍ଚ ସୁମନ୍ତ ବେହେରା, ମାନସ ସାହୁ, ବ୍ଲକ ବିଜେଡି ସଭାପତି କୁମୁଦଚନ୍ଦ୍ର ପ୍ରଧାନ, ନାରାୟଣ ପ୍ରଧାନ, ଶଙ୍କର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ନାମସଂକୀର୍ତନ ମଣ୍ଡଳୀ ଯୋଗଦେଇ ନାମ ପରିବେଷଣ କରିଥିଲେ। ଏଥିସହ ବଇଣ୍ଡା, କଦଳୀମୁଣ୍ଡା ଗ୍ରାମ ପରିକ୍ରମା କରାଯାଇଥିଲା। ଅଞ୍ଚଳବବାସୀଙ୍କଠାରୁ ଅରୁଆ ଚାଉଳ ସଂଗ୍ରହ କରାଯାଇଥିଲା।

# ସମ୍ବଲପୁରୀ ନୃତ୍ୟରେ ଦୁଲୁକିଲା ମଞ୍ଚ

**ମାଲ୍ୟଗିରି ମହୋତ୍ସବର ୨ୟ ସନ୍ଧ୍ୟା**

ପାଲଲହଡା,୬।୧(ଦିବ୍ୟଜ୍ୟୋତି ଦାଶ)



ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡରେ ଆରମ୍ଭ ହୋଇଥିବା ମାଲ୍ୟଗିରି ମହୋତ୍ସବର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ମୁଖ୍ୟ ଅତିଥି ଭାବେ ଜିଲା ଅତିରିକ୍ତ ଅରକ୍ଷୀ ଅଧୀକ୍ଷକ ସତ୍ୟଜିତ ମିଶ୍ର ଯୋଗଦେଇ ମହୋତ୍ସବ ମଞ୍ଚ ଅଞ୍ଚଳର ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାରେ ସହାୟକ ହେଉ ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପାଲଲହଡା ବିଡିଓ ଦିଲୀପ କୁମାର ବାରା ଏବଂ ସହକାରୀ ଜିଲାପାଳ ଶୁଭଶ୍ରୀ ଟୁଡୁ ଯୋଗ ଦେଇଥିଲେ। ପାଲଲହଡା ବିଧାୟକ ମୁକେଶ କୁମାର ପାଲ ଧନ୍ୟବାଦ ଅର୍ପଣ କରିଥିଲେ। ଉପଜିଲାପାଳ ସୁଶାନ୍ତ କୁମାର ପତି ଉପସ୍ଥିତ ଥିଲେ। ମାଲ୍ୟାଗିରି ମୁକ୍ତାକାଶ ରଙ୍ଗମଞ୍ଚରେ ରାଜ୍ୟ ସଂସ୍କୃତି ବିଭାଗ ଏବଂ ସ୍ଥାନୀୟ କଳାକାରଙ୍କ ସମ୍ବଲପୁରୀ ନୃତ୍ୟ ପରିବେଷଣକୁ ନେଇ ମଞ୍ଚ ଦୁଲୁକି ଉଠିଥିଲା। ସମ୍ବଲପୁରୀ ନୃତ୍ୟକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ଏଥିସହିତ ବଲିଉଡ୍‌ର ଗାୟିକା ଐଶର୍ଯ୍ୟା ପଣ୍ଡିତ ଏବଂ ତାଙ୍କର ଟିମ୍‌ର ସୁମଧୁର ସଙ୍ଗୀତ ଦର୍ଶକଙ୍କୁ ବିଭୋର କରିଥିଲା। ସେହିପରି ମାଲ୍ୟଗିରି ମହୋତ୍ସବ ଉପଲକ୍ଷେ ପାଲଲହଡା ଷ୍ଟାଡିୟମ ପରିସର ଇଣ୍ଡୋର ହଲଠାରେ ମାଲ୍ୟାଗିରି ମହୋତ୍ସବ ୨୦୨୪ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପାଲଲହଡା ସାମେଶ୍ୱର ସାହିତ୍ୟ ସଂସଦ ସଭାପତି ବେଣୁଧର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ମୁକେଶ ପାଲ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଯୁବ ପରିଷଦ ଅଧ୍ୟକ୍ଷ କୁନ ବିହାରୀ ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଉପସ୍ଥିତ ଥିଲେ। ମାଲ୍ୟାଗିରି ମହାବିଦ୍ୟାଳୟ ଇତିହାସ ବିଭାଗ ଅଧ୍ୟାପକ ଡ଼ ପ୍ରଶାନ୍ତ କୁମାର ସାହୁ ଅତିଥି ପରିଚୟ ଦେଇଥିଲେ। ଏହି ସମ୍ମିଳନୀରେ ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, କେନ୍ଦୁଝର ଓ ସୁନ୍ଦରଗଡ଼ ଅଞ୍ଚଳର ୬୦ରୁ ଊର୍ଦ୍ଧ୍ୱ କବି ଯୋଗଦେଇଥିଲେ। ଏହି ଅବସରରେ ପାଲଲହଡା ଓ ବାହାର ଅଞ୍ଚଳର ସୁପ୍ରଭା ବିଶ୍ୱାଳ, ସୁଶୀଲ ସାମଲ, କ୍ଷୀରୋଦିନୀ ପ୍ରଧାନ, ବିଜୟ ପ୍ରଧାନ, ଶଙ୍କର ପ୍ରସାଦ ଦେହୁରୀ, ପ୍ରଫୁଲ୍ଲ ମହାପାତ୍ର, ନିରାକାର ଚଇନି, ସିଦ୍ଧି ପ୍ରସାଦ ସାହୁଙ୍କ ସମେତ ୧୨ ଜଣ କବିଙ୍କୁ ସମ୍ମାନିତ କରାଯାଇଥିଲା।

# ଏସ୍‌ଏଚ୍‌ଜିର ୨୭ ଲକ୍ଷ ଟଙ୍କା ଚଳୁ ଅଭିଯୋଗ

ଅନୁଗୋଳ,୬।୧ (ଅମିତ କୁମାର ସାମଲ)



**ଋଣ ପରିଶୋଧ ଅର୍ଥ ଜମା କରିନାହାନ୍ତି ଏଜେଣ୍ଟ**

ଅନୁଗୋଳ ସଦର ଥାନା ଜରାସିଙ୍ଗା ଗ୍ରାମର ୯ଟି ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ଋଣ ପରିଶୋଧ ବାବଦ ୨୭ ଲକ୍ଷ ଟଙ୍କା ଜଣେ ବ୍ୟାଙ୍କ ଏଜେଣ୍ଟ ଚଳୁ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଏସ୍‌ଏଚ୍‌ଜିର ସଦସ୍ୟାମାନେ ଶନିବାର ଉକ୍ତ ବ୍ୟାଙ୍କ ପରିଚାଳକଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ସମ୍ପୃକ୍ତ ଏଜେଣ୍ଟ ଏସ୍‌ଏଚ୍‌ଜିଠାରୁ ନେଇଥିବା ସମସ୍ତ ଟଙ୍କା ଫେରାଇବେ ବୋଲି ପ୍ରତିଶ୍ରୁତି ଦେଇଥିବା ବେଳେ ଉଚ୍ଚ ସ୍ତରୀୟ ତଦନ୍ତ କରିବାକୁ ବ୍ୟାଙ୍କ ପରିଚାଳକ କହିଥିବା ସୂଚନା ମିଳିଛି।

ଅଭିଯୋଗ ଅନୁଯାୟୀ, ଜରାସିଙ୍ଗା ଗ୍ରାମର ତ୍ରିଶକ୍ତି, ମା' କଳାପାଟ, ଓଁସାଇ ବାବା, ମଙ୍ଗଳାମୟୀ, ମା' ଆଦିଶକ୍ତି, ଜୟ ଜଗନ୍ନାଥ, ଗ୍ରାମଶ୍ରୀ, ସିଦ୍ଧିଲକ୍ଷ୍ମୀ, ଧବଳେଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀ ସରକାରଙ୍କ ମିଶନଶକ୍ତି କାର୍ଯ୍ୟକ୍ରମ ଜରିଆରେ ଉକ୍ତ ବ୍ୟାଙ୍କରୁ ୩ ଲକ୍ଷ ଟଙ୍କା ଲେଖାଏ ଋଣ ନେଇଥିଲେ। ଏହାକୁ ପରିଶୋଧ କରିବା ପାଇଁ ସେମାନେ ବ୍ୟାଙ୍କ ପକ୍ଷରୁ ନିୟୋଜିତ କରାଯାଇଥିବା ଏଜେଣ୍ଟଙ୍କୁ ପ୍ରତ୍ୟେକ ମାସରେ ଟଙ୍କା ଦେଉଥିଲେ। ହେଲେ ସମ୍ପୃକ୍ତ ଏଜେଣ୍ଟ ଉକ୍ତ ଋଣ ଟଙ୍କା ପରିଶୋଧ କରିବା ପରିବର୍ତ୍ତେ ଚଳୁ କରିଦେଇଥିଲେ। ଏସ୍‌ଏଚ୍‌ଜି ସଦସ୍ୟାମାନେ ଅନ୍ୟ ଏକ ବ୍ୟାଙ୍କରୁ ଋଣ ଆଣିବା ପାଇଁ ଯାଇଥିବାବେଳେ ସେମାନେ ପୂର୍ବ ଋଣ ଟଙ୍କା ଶୁଝି ନ ଥିବା ଜାଣିବାକୁ ପାଇଥିଲେ। ଏହାପରେ ସେମାନେ ବ୍ୟାଙ୍କ ମ୍ୟାନେଜର ଓ ସମ୍ପୃକ୍ତ ଏଜେଣ୍ଟଙ୍କୁ ଡକାଇଥିଲେ। ଅଭିଯୋଗ ପରେ ସମ୍ପୃକ୍ତ ଏଜେଣ୍ଟ ସମସ୍ତ ଟଙ୍କା ପରିଶୋଧ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଆରମ୍ଭ ହେଲା ଟିକରପଡ଼ାରେ କୁମ୍ଭୀର ଗଣନା





ଅନୁଗୋଳ, ୬।୧ (ଅମିତ କୁମାର ସାମଲ)

**୧୭ ଟିମ୍‌ରେ ଗଣୁଛନ୍ତି ୬୫ ଜଣ, ୯ରେ ଗଣାହେବ ପକ୍ଷୀ**

ଅନୁଗୋଳ ଜିଲା ଟିକରପଡ଼ାସ୍ଥିତ ମହାନଦୀ ଗଣ୍ଡରେ କୁମ୍ଭୀର ଗଣନା ଶନିବାରଠାରୁ ଆରମ୍ଭ ହୋଇଛି। ଏହା ଆସନ୍ତା ସୋମବାର ପର୍ଯ୍ୟନ୍ତ ଚାଲିବ। ଏହାପରେ ଆସନ୍ତା ୯ ତାରିଖରେ ପକ୍ଷୀ ଗଣନା କରାଯିବ ବୋଲି ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ସରୋଜ କୁମାର ପଣ୍ଡା ସୂଚନା ଦେଇଛନ୍ତି। ମହାନଦୀର ୧୪ଟି ସେକ୍ଟରରେ ୧୪ଟି ଟିମ୍ ଏହି କୁମ୍ଭୀର ଗଣନାରେ ସାମିଲ ହୋଇଥିବାବେଳେ ମହାନଦୀ ବାହାରେ ୩ଟି ଟିମ୍ ଗଣନା କରୁଛନ୍ତି। ଅନୁଗୋଳ, ସାତକୋଶିଆ, ଆଠମଲ୍ଲିକ ଓ ଆଠଗଡ଼ ବନଖଣ୍ଡର କର୍ମଚାରୀଙ୍କ ସହ ଏନ୍‌ଜିଓ ଏବଂ ଓୟୁଏଟିର ଛାତ୍ରୀଛାତ୍ର ସାମିଲ ହୋଇଛନ୍ତି। ଦେଶୀ ଡଙ୍ଗାରେ ସ୍ଥାନୀୟ ନାଉରିଆଙ୍କୁ ମଧ୍ୟ କୁମ୍ଭୀର ଗଣନାରେ ସାମିଲ କରାଯାଇଛି। ତେବେ ଟିକରପଡ଼ାରୁ କଟରଙ୍ଗ, କଟରଙ୍ଗରୁ ବାଲିଫ୍ଲଟ, ବାଲିଫ୍ଲଟରୁ ଚକ୍ରଗଡ଼, ଟିକରପଡ଼ାରୁ ବିନକେଇ, ଆଠମଲ୍ଲିକର ହରଭଙ୍ଗାରୁ ଅଏଡ଼ା, ଲୁଣହାଣ୍ଡି, ବେଲପୁଞ୍ଜି, ମାରାଡ଼ାରୁ ଶୀତଳପାଣି ଆଦି ଅଞ୍ଚଳରେ କୁମ୍ଭୀର ଓ ପକ୍ଷୀ ଗଣନା କରାଯିବ। ଏହି ଗଣାନାରେ ମୋବାଇଲ ଟ୍ରାକିଂ, ଜିପିଏସ୍, ବାଇନାକୁଲାର ଓ ସ୍ୱତନ୍ତ୍ର କ୍ୟାମେରା ବ୍ୟବହାର କରାଯାଇଛି। ମହାନଦୀ ବନଖଣ୍ଡ ଅଧିକାରୀ ଫୁଲୁନି ସାରଥୀ ମଲ୍ଲିକ, ଏସିଏଫ ଦେବୀ ପ୍ରସାଦ ରାଉତ, ସୁଦୀପ୍ତ ମହାପାତ୍ର, ଘଡ଼ିଆଳ ୱାଚର ମାନସ ରଞ୍ଜନ ତ୍ରିପାଠୀ, ରୁଦ୍ରନାରାୟଣ ପ୍ରଧାନ, ଅନ୍ତର୍ଯ୍ୟାମୀ ଜ୍ୟାନି, ଗୋବିନ୍ଦ ମହାକୁଡ଼, ଏଫଇଏସ୍ ଜଗନ କୁମାର ବେହେରା, ଫରେଷ୍ଟର ଅନୁପମା ସାହୁ, ସ୍କ୍ୱାଡ୍ କୁମାର ବେହେରା ପ୍ରମୁଖ ଏହି ଗଣନାରେ ସାମିଲ ହୋଇଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ସାତକୋଶିଆରେ ୮୫ଟି କୁମ୍ଭୀର ରହିଥିବା ଡିଏଫଓ ପଣ୍ଡା ସୂଚନା ଦେଇଛନ୍ତି। ତେବେ ୮ ତାରିଖରେ ମହାନଦୀ ଗଣ୍ଡ ଓ ବାହାରେ କେତେ ଘଡ଼ିଆଳ ଓ ମଗର କୁମ୍ଭୀର ରହିଛନ୍ତି ସେନେଇ ସ୍ପଷ୍ଟ ହେବ ବୋଲି ଡିଏଫ୍‌ଓ ପ୍ରକାଶ କରିଛନ୍ତି।

# ସେମିଫାଇନାଲକୁ ୪ ଦଳ ଉନ୍ନୀତ

ଅନୁଗୋଳ,୬।୧(ଅମିତ ସାମଲ)

ଅନୁଗୋଳ ବାସନ୍ତୀ ଭଲିବଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଅନୁଗୋଳ ଭଲିବଲ୍ କପ୍‌ର ଶନିବାର ଦ୍ୱିତୀୟ ଦିନରେ ରାଜ୍ୟସ୍ତରୀୟ ଦିବାରାତ୍ର ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଅବନିକାନ୍ତ ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବାଲେଶ୍ୱର, ଭଦ୍ରକ, ଭୁବନେଶ୍ୱର, ରାଉରକେଲା, ପାରାଦ୍ୱୀପ ଓ ବାସନ୍ତୀ ଭଲିବଲ ଟ୍ରଷ୍ଟ ଭାଗ ନେଇଥିବାବେଳେ ୨ଟି ଗ୍ରୁପରେ ଲିଗ ପର୍ଯ୍ୟାୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଗ୍ରୁପ-ଏରୁ ଭଦ୍ରକ ଓ ରାଉରକେଲା ଟିମ୍ ସେମିଫାଇନାଲକୁ ଉନ୍ନିତ ହୋଇଛି। ସେହିପରି ଗ୍ରୁପ-ବି ରୁ ଭୁବନେଶ୍ୱର ଓ ପାରାଦ୍ୱୀପ ସେମିଫାଇନାଲକୁ ଉନ୍ନିତ ହୋଇଛି। ରବିବାର ଏହି ୪ଟି ଟିମ୍ ମଧ୍ୟରେ ସେମିଫାଇନାଲ ଓ ପରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ନିରଞ୍ଜନ ନାୟକ, ସଞ୍ଜୀବ କୁମାର ଚାନ୍ଦ, ରଜନୀକାନ୍ତ ମିଶ୍ର, ଅଶୋକ ପ୍ରଧାନ, ବିଜୟ ବାଘ ପରିଚାଳନା କରିଥିଲେ। ବାସନ୍ତୀ ଭଲିବଲ ଟ୍ରଷ୍ଟର ପବିତ୍ର ମହାପାତ୍ର, ଅମ୍ଳାନ ବରାଳ, ଜିତେନ ପ୍ରଧାନ, ବାନାମ୍ବର ପ୍ରଧାନ, ବବୁଲୁ ବେହେରା, ଗୁଡ୍ଡୁ, ପୁନୁ ସହଯୋଗ କରିଥିଲେ।



# ଅନୁଗୋଳରୁ ବାହାରିଲା ପରିକ୍ରମା ପ୍ରକଳ୍ପ ରଥ

ଅନୁଗୋଳ, ୬।୧ (ଅମିତ କୁମାର ସାମଲ)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଆସନ୍ତା ୧୭ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ଶନିବାର ଠାରୁ ପରିକ୍ରମା ରଥ ଅନୁଗୋଳ ଜିଲାରୁ ବାହାରିଛି। ଅନୁଗୋଳ ବ୍ଲକର ରନ୍ତଲେଇ ପଞ୍ଚାୟତ ରନ୍ତଲେଇ ଗ୍ରାମର ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅରବିନ୍ଦ ବେହେରା ଏହି ରଥକୁ ଉଦ୍‌ଘାଟନ କରିଥିଲେ। ଏହି ରଥ ଉଦ୍‌ଘାଟନ ହେବା ପରେ ଅଞ୍ଚଳବାସୀ ପରିକ୍ରମା ପ୍ରକଳ୍ପ ପାଇଁ ରଥରେ ଚାଉଳ ଓ ଗୁଆ ପ୍ରଦାନ କରିଥିଲେ। ତେବେ ଜିଲାର ବିଭିନ୍ନ ସ୍ଥାନରୁ ଏହି ରଥ ଚାଲିଥିବାବେଳେ ରବିବାର ଠାରୁ ସମସ୍ତ ଉପଖଣ୍ଡ ଓ ବ୍ଲକରୁ ଏହି ରଥ ଗାଁ ମୁହାଁ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



# ଅରୁଆ ଚାଉଳ, ଗୁଆ ସଂଗ୍ରହ କରିବ ପରିକ୍ରମା ରଥ



କାମାକ୍ଷାନଗର,୬।୧(ଅମ୍‌ଜାଦ୍ ଖାନ୍)

ଢେଙ୍କାନାଳ ଜିଲା କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାଗୃହରେ ଶନିବାର ନଗରପାଳ ଧର୍ମାନନ୍ଦ ପରିଡାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୭ ତାରିଖରେ ହେବାକୁ ଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିମନ୍ତେ ଆଜିଠୁ ୧୫ ତାରିଖ ପର୍ଯ୍ୟନ୍ତ କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ୧୫ ୱାର୍ଡରେ ଶ୍ରୀମନ୍ଦିର ପରିକ୍ରମା ରଥ ବୁଲି ମୁଠି ଅରୁଆ ଚାଉଳ ଓ ଗୋଟା ଗୁଆ ସଂଗ୍ରହ କରିବ ବୋଲି ସ୍ଥିର ହୋଇଥିଲା। ଏଥିସହିତ ଆସନ୍ତା ୧୭ ତାରିଖ ଦିନ କାମାକ୍ଷାନଗର ସହରରେ ଥିବା ସମସ୍ତ ଆମିଷ ଏବଂ ମଦ ଦୋକାନ ବନ୍ଦ ରଖିବା ପାଇଁ ନଗରପାଳ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ବାହୀ ଅଧିକାରୀ ଯତୀନ୍ଦ୍ର ମିଶ୍ର, କାମାକ୍ଷାନଗର ଥାନା ଅଧିକାରୀ ଶରତ ଚନ୍ଦ୍ର ମହାଳିକ, ବଣିକ ସଂଘ ସଭାପତି ବିଶ୍ୱଜିତ୍ ପଟ୍ଟନାୟକ, ସମସ୍ତ ବଜାରର ସଭାପତି, ସମ୍ପାଦକ, କାମାକ୍ଷାନଗର ସାମ୍ବାଦିକ ସଂଘ ସଭାପତି ହିମାଂଶୁ ମହାପାତ୍ର, ସମସ୍ତ ୱାର୍ଡର ବୁଦ୍ଧିଜୀବୀ, ୱାର୍ଡରେ ଥିବା ମନ୍ଦିରର ସଭାପତି, ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଲାପ ଫୁଲ ଦେଇ ସଚେତନତା

ଛେଣ୍ଡିପଦା,୬।୧(ଅଜିତ ଧଳ)

ଅନୁଗୋଳ ଜିଲା ଆଞ୍ଚଳିକ ପରିବହନ ବିଭାଗ, ନିଶା ଶିଳ୍ପାଞ୍ଚଳ ଥାନା ଓ କଙ୍କରେଇ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ନିଶା ଶିଳ୍ପାଞ୍ଚଳ ପୋଲିସ ଓ ଅନୁଗୋଳ ଆଞ୍ଚଳିକ ପରିବହନ ବିଭାଗ କର୍ମଚାରୀମାନେ କଙ୍କରାଇ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଦ୍ୟାଳୟଠାରୁ ଏକ ରାଲିରେ ବାହାରି ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ଉପରେ ବିଭିନ୍ନ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ନିଶାଥାନା ଅଧିକାରୀ ସ୍ମିତାଞ୍ଜଳୀ ପ୍ରଧାନ, ଜୁନିଅର ଏମ୍‌ଭିଆଇ ଓ ପୋଲିସ କର୍ମଚାରୀମାନେ ବିନା ହେଲମେଟରେ ବାଇକ୍ ଚଳାଉଥିବା ଲୋକଙ୍କୁ ଗୋଲାପ ଫୁଲ ଦେଇ ସଚେତନ କରାଇଥିଲେ।




## ଅସଦାଚରଣ ଅଭିଯୁକ୍ତ ଗିରଫ

କଣିହାଁ,୬।୧(ସଚ୍ଚିଦାନନ୍ଦ ପ୍ରଧାନ)

ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଏନ୍‌ଟିପିସି ଟାଉନ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସନ୍ଦୀପ ନାଏକ। ଆଇଆଇସି ସନ୍ତୋଷ କୁମାର ସେଠୀ କହିଛନ୍ତି, ଗତ ୨ ତାରିଖରେ ମହିଳାଙ୍କ ସ୍ୱାମୀ ଘରେ ନ ଥିବାବେଳେ ସନ୍ଦୀପ ତାଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ପୋଲିସ ନଂ.୧/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

## ଚାଉଳ ଚୋରି ଅଭିଯୋଗ

ବଇଣ୍ଡା,୬।୧(ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଆମ୍ବନାଳି ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଶୁକ୍ରବାର ରାତିରେ ୨ କୁଇଣ୍ଟାଲ ଚାଉଳ ଚୋରି ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ରୁନିଲତା ନାୟକ ଅଭିଯୋଗ କରିବା ପରେ ପୋଲିସ ନଂ. ୫/୨୪ରେ ମାମଲା ରୁଜୁ କରିଛି। ପୋଲିସ କହିଛି, କେତେଜଣ ଦୁର୍ବୃତ୍ତ ତାଲା ଭାଙ୍ଗି ଚାଉଳ ଚୋରି କରିନେଇଥିବା ଅଭିଯୋଗରେ ଦର୍ଶାଯାଇଛି।

# ସଡ଼କ ସୁରକ୍ଷା ସଚେତନତା

କଣିହାଁ,୬।୧(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ସମଲ ଥାନା ତରଫରୁ ଶୁକ୍ରବାର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମଲ ସରକାରୀ ହାଇସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ସମଲ ଥାନା ତରଫରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଥାନା ଆଇଆଇସି ଦିଲୀପ ଲାକ୍ରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ତାଳଚେର ଏମ୍‌ଭିଆଇ ପ୍ରିୟବ୍ରତ ମହାନ୍ତି, ସହକାରୀ ଏମ୍‌ଭିଆଇ ଜିତେନ୍ଦ୍ର ବେହେରା ଯୋଗଦାନ କରିଥିଲେ। ପ୍ରଥମେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରାରେ ବଜାର ଓ କଲୋନୀ ଅଞ୍ଚଳ ପରିକ୍ରମା କରିବା ସହିତ ରାସ୍ତାରେ ଯାଉଥିବା ଗାଡ଼ି ଚାଳକଙ୍କୁ ସଚେତନ କରାଯାଇଥିଲା। ଏହାପରେ ହାଇସ୍କୁଲ ପରିସରରେ ଆୟୋଜିତ ସଭାରେ ପୋଲିସ ଓ ପରିବହନ ବିଭାଗ ଅଧିକାରୀ ଛାତ୍ରୀଛାତ୍ରଙ୍କୁ ସଡ଼କ ସୁରକ୍ଷା ଉପରେ ବିଭିନ୍ନ ନୀତିନିୟମ ଉପରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଥାନାର ଅଧିକାରୀ, କର୍ମଚାରୀ ଓ ହାଇସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।



# ଡକାୟତି ପୂର୍ବରୁ ମାଡ଼ିବସିଲା ପୋଲିସ

- ଲୋକଙ୍କ ଠାରୁ ମିଳିଥିଲା ଗୁରୁତ୍ୱପୂର୍ଣ୍ଣ ସୂଚନା
- ୬ ଗିରଫ, କାର୍ ସହ ବାଇକ୍ ଓ ପିସ୍ତଲ ଜବତ

ବଇଣ୍ଡା, ୬।୧ (ପରିକ୍ଷିତ ସାହୁ)



ଅନୁଗୋଳରୁ ଆସି ହଣ୍ଡପା ଥାନା ବଇଣ୍ଡା ଅଞ୍ଚଳରେ ଡକାୟତି କରିବା ପାଇଁ ଯୋଜନା କରିଥିଲେ। ବନ୍ଧୁକ ସହ ବିଭିନ୍ନ ମାରଣାସ୍ତ୍ର ମଧ୍ୟ ସାଙ୍ଗରେ ଆଣିଥିଲେ। ହେଲେ ବଡ଼ଧରଣର ଡକାୟତି ପୂର୍ବରୁ ଫସର ଫାଟିଗଲା ଯୋଜନା। ସ୍ଥାନୀୟ ଲୋକଙ୍କ ଠାରୁ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିବା ପରେ ହଣ୍ଡପା ଓ ବଇଣ୍ଡା ପୋଲିସ ଶୁକ୍ରବାର ରାତିରେ ଚଢ଼ାଉ କରି ଡକାୟତି ଗ୍ୟାଙ୍ଗର ୬ ସଦସ୍ୟଙ୍କୁ ମାଡ଼ି ବସିଥିଲା। ଗିରଫ ସଦସ୍ୟମାନେ ହେଲେ ଅନୁଗୋଳ ଥାନା ଶିମିଳିପଡା ଅଞ୍ଚଳର ଶୁଭ୍ରଜିତ ଜେନା, ଯୋଗେଶ ସାହୁ, ଖଲାରୀ ଅଞ୍ଚଳର ବିବେକା ନନ୍ଦ ମହାକୁଡ, ସୁମନ ବିଶ୍ୱାଳ, ପିଟିସି ଅଞ୍ଚଳର ପ୍ରୀତମ ଗଡନାୟକ, ହରିମହୁରିଛକ ଅଞ୍ଚଳର ରାହୁଲ କୁମାର। ସେମାନଙ୍କ ଠାରୁ ଏକ ପିସ୍ତଲ, ଶାବଳ, ଭୁଜାଲି, ୮ଟି ମୋବାଇଲ ଜବତ କରାଯାଇଛି। ଡକାୟତରେ ବ୍ୟବହାର କରାଯାଉଥିବା ଏକ କାର୍ (ନଂ. ଓଡି ୩୩ ଏଫ ୦୫୦୦), ଏକ ନମ୍ବର ବିହୀନ ବାଇକକୁ ଜବତ କରାଯାଇଛି। ସେମାନଙ୍କ ନାମରେ ପୋଲିସ ନମ୍ବର ୧୧/୨୦୨୪ରେ ଏକ ମାମଲା ରୁଜୁ କରି ଶନିବାର କୋର୍ଟଚାଲାଣ କରିଛି।






ପୋଲିସ କହିଛି, ଶୁକ୍ରବାର ବିଳମ୍ବିତ ରାତିରେ ଅନୁଗୋଳ ଅଞ୍ଚଳର ଏହି ୬ ଜଣ କାର୍ ଓ ବାଇକ୍ ଯୋଗେ ଆସି ବଇଣ୍ଡା ଅଞ୍ଚଳରେ ଡକାୟତ କରିବା ପାଇଁ ଯୋଜନା କରୁଥିଲେ। ପାର୍ବତୀପୁର ଅଞ୍ଚଳରେ ଏମାନେ ଏକାଠି ହୋଇ ଡକାୟତି କରିବା ପାଇଁ ପ୍ରସ୍ତୁତି କରିଥିଲେ। ଏପରି କି ବଇଣ୍ଡା ଅଞ୍ଚଳରେ ଥିବା ଏକ ବଡ଼ ବ୍ୟବସାୟ ଅନୁଷ୍ଠାନକୁ ଟାର୍ଗେଟ୍ କରିଥିଲେ। ବିଳମ୍ବିତ ରାତିରେ ଏହି ଡକାୟତି କରିବାକୁ ସେମାନେ ପାର୍ବତୀପୁର ନିକଟରେ ଉପସ୍ଥିତ ଥିବାବେଳେ ସେମାନଙ୍କ ହାତରେ ପିସ୍ତଲ ସହ ବିଭିନ୍ନ ପ୍ରକାର ସାମଗ୍ରୀ ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ଖବରପାଇ ହଣ୍ଡପା ଓ ବଇଣ୍ଡା ପୋଲିସ ଏକ ଟିମ ଗଠନ କରି ପାର୍ବତୀପୁର ଅଞ୍ଚଳରେ ଚଢ଼ାଉ କରିଥିଲେ। ପୋଲିସକୁ ଦେଖି ୩ ଜଣ ଘଟଣା ସ୍ଥଳରୁ ଦୌଡି ପଳାଇଯାଉଥିବା ବେଳେ ପୋଲିସ ସେମାନଙ୍କୁ କାବୁକରିଥିଲା। ଏଥିସହ ଏକ ବଡଧରଣ ଡକାୟତି ଯୋଜନା ପଣ୍ଡ କରିପାରିଥିଲା।

